# April, 2 0 2 6

## (Early Childhood Care and Education)

*Full Marks* : 100 *Time* : 3 hours

*The figures in the right-hand margin indicate marks*

Answer **all** questions

Part—I

**1.** Fill in the blanks : 10×1
ଶୂନ୍ୟସ୍ଥାନ ପୂରଣ କର :

*(a)* The full form of ECCD is ———.
ECCDର ପୂର୍ଣ୍ଣ ରୂପ ହେଉଛି ———।

*(b)* Duration of ECCE as per NEP 2020 is ———.
NEP 2020 ଅନୁସାରେ ECCEର ଅବଧି ——— ଅଟେ ।

*(c)* Brain development occurs very rapidly during the ——— stage.
——— ପର୍ଯ୍ୟାୟରେ ମସ୍ତିଷ୍କ ବିକାସ ବହୁତ ଦ୍ରୁତ ଗତିରେ ହୁଏ ।

*(d)* ICDS was launched in India in the year ———.
ICDS ଭାରତରେ ——— ମସିହାରେ ଆରମ୍ଭ କରାଯାଇଥିଲା ।

*(e)* POSHAN Abhiyan was launched in the year ———.
POSHAN ଅଭିଯାନ ——— ମସିହାରେ ଆରମ୍ଭ କରାଯାଇଥିଲା ।

*(f)* The full form of JSY is ———.
JSYର ପୂର୍ଣ୍ଣ ରୂପ ହେଉଛି ———।

*(g)* Toy-based Padagogy is known as ———.
Toy-based Padagogyକୁ ——— ବୋଲି କୁହାଯାଏ ।

*(h)* A comprehensive educational approach that focuses on the holistic development of learner is known as ——— curriculum.
ଶିକ୍ଷାର୍ଥୀଙ୍କ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ଦେଉଥିବା ଏକ ବ୍ୟାପକ ଶିକ୍ଷାଗତ ଆଭିଗମକୁ ——— ପାଠ୍ୟକ୍ରମ କୁହାଯାଏ ।

*(i)* The ——— stage is a bridge between the foundational stage and the middle stage.
——— ପର୍ଯ୍ୟାୟ ମୂଳ ପର୍ଯାୟ ଏବଂ ମଧ୍ୟମ ପର୍ଯାୟ ମଧ୍ୟରେ ଏକ ସେତୁ ଅଟେ ।

*(j)* The old school structure 10+2+3 pattern was replaced by the ——— structure under NEP 2020.
NEP 2020 ଅନୁସାରେ ପୁରୁଣା ଶିକ୍ଷା ବ୍ୟବସ୍ଥା ୧୦+୨+୩କୁ ପରିବର୍ତ୍ତନ କରି ——— ଶିକ୍ଷାଗଠନ ପ୍ରଚଳିତ କରାଯାଇଛି ।

## Part—II

**2.** Answer the following questions in about *50* words each : 9×2
ନିମ୍ନଲିଖିତ ପ୍ରଶ୍ନର ଉତ୍ତର ପ୍ରତ୍ୟେକ ୫୦ ଶବ୍ଦରେ ଲେଖ :

*(a)* Define the terms Care and Education.
ଯତ୍ନ ଏବଂ ଶିକ୍ଷା ଶବ୍ଦଦ୍ୱୟର ସଂଜ୍ଞା ଦିଅ ।

*(b)* What is foundational stage as per NEP 2020 ?
NEP 2020 ଅନୁଯାୟୀ ମୂଳ ପର୍ଯ୍ୟାୟ କ'ଣ?

*(c)* State any two nature of ECCE.
ECCEର ଯେକୌଣସି ଦୁଇଟି ପ୍ରକୃତି ଲେଖ ।

*(d)* Define ICDS.
ICDSର ସଂଜ୍ଞା ଦିଅ ।

*(e)* State the vision of NIPUN Bharat Mission.
ନିପୁଣ ଭାରତ ମିଶନ୍‌ର ଦୃଷ୍ଟିକୋଣ ଉଲ୍ଲେଖ କର ।

*(f)* Write two short-term objectives of ECCE programme.
ECCE କାର୍ଯ୍ୟକ୍ରମର ଦୁଇଟି ସ୍ୱଳ୍ପକାଳୀନ ଉଦ୍ଦେଶ୍ୟ ଲେଖ ।

*(g)* Define Inclusive Education.
ଅନ୍ତର୍ଭୁକ୍ତି ଶିକ୍ଷାର ସଂଜ୍ଞା ଦିଅ ।

*(h)* What do you mean by professional development of teachers?
ଶିକ୍ଷକଙ୍କ ବୃତ୍ତିଗତ ବିକାଶ କହିଲେ କ'ଣ ବୁଝ?

*(i)* What is holistic assessment?
ସାମଗ୍ରିକ ମୂଲ୍ୟାଙ୍କନ କ'ଣ?

## Part—III

**3.** Answer *any eight* questions within *250* words each : 8×5

**ଯେକୌଣସି ୮ଟି** ପ୍ରଶ୍ନର ଉତ୍ତର ପ୍ରତ୍ୟେକ *୨୫୦* ଶବ୍ଦରେ ଲେଖ :

*(a)* State objectives of NEP 2020 on ECCE.

ECCE ଉପରେ NEP 2020ର ଉଦ୍ଦେଶ୍ୟଗୁଡ଼ିକ ଉଲ୍ଲେଖ କର ।

*(b)* Explain the significance of ECCE and foundational learning for holistic development.

ସାମଗ୍ରିକ ବିକାଶ ପାଇଁ ECCE ଏବଂ ଭିତ୍ତିଭୂମି ଶିକ୍ଷଣର ଆବଶ୍ୟକତା ବ୍ୟାଖ୍ୟା କର ।

*(c)* Write a short note on Components of ECCE.

ECCEର ଉପାଦାନଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

*(d)* Explain the scope of services provided under ICDS scheme.

ICDS ଯୋଜନା ଅଧୀନରେ ପ୍ରଦାନ କରାଯାଇଥିବା ସେବାଗୁଡ଼ିକର ପରିସର ବର୍ଣ୍ଣନା କର ।

*(e)* Briefly explain the NCF-FS 2022 with special reference on curricular competencies.

ପାଠ୍ୟକ୍ରମ ଦକ୍ଷତା ଉପରେ ବିଶେଷ ଗୁରୁତ୍ୱ ଦେଇ NCF-FS 2022କୁ ସଂକ୍ଷେପରେ ବର୍ଣ୍ଣନା କର ।

*(f)* Write a short note on key components of NIPUN BHARAT Mission.

ନିପୁଣ ଭାରତ ମିଶନ୍‌ର ମୁଖ୍ୟ ଉପାଦାନଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

*(g)* Distinguish between long-term planning and short-term planning in the ECCE curriculum.

ECCE ପାଠ୍ୟକ୍ରମର ଦୀର୍ଘକାଳୀନ ଯୋଜନା ଏବଂ ସ୍ୱଳ୍ପକାଳୀନ ଯୋଜନା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

*(h)* Define Toy-based Pedagogy and explain its relevance at childhood learning.

ଖେଳନା ଆଧାରିତ ଶିକ୍ଷାଶାସ୍ତ୍ରର ସଂଜ୍ଞା ଦିଅ ଏବଂ ଶୈଶବ ଶିକ୍ଷାରେ ଏହାର ପ୍ରାସଙ୍ଗିକତା ବ୍ୟାଖ୍ୟା କର ।

*(i)* Explain the issues of ECCE teachers relating to administration.

ECCE ଶିକ୍ଷକମାନଙ୍କ ପ୍ରଶାସନ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ବ୍ୟାଖ୍ୟା କର ।

*(j)* What is HPC ? State its objectives and structure.

HPC କ'ଣ? ଏହାର ଉଦ୍ଦେଶ୍ୟ ଏବଂ ଗଠନ ଉଲ୍ଲେଖ କର ।

## Part—IV

**4.** Answer *any four* questions within *800* words each : 4×8

**ଯେକୌଣସି ୪ଟି** ପ୍ରଶ୍ନର ଉତ୍ତର ପ୍ରତ୍ୟେକ *୮୦୦* ଶବ୍ଦରେ ଲେଖ :

*(a)* Define ECCE and critically examine the rationale for extending ECCE up to eight years of age as envisaged in NEP 2020.

ECCEର ସଂଜ୍ଞା ଦିଅ ଏବଂ NEP 2020 ଅନୁଯାୟୀ ECCEକୁ ଆଠ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ଯୁକ୍ତିକୁ ସମାଲୋଚନାମୂଳକ ଭାବରେ ପରୀକ୍ଷା କର ।

*(b)* Describe the programmes and schemes launched by Government of India for strengthening ECCE.

ଭାରତ ସରକାର ECCEକୁ ସୁଦୃଢ଼ କରିବାପାଇଁ ଆରମ୍ଭ କରିଥିବା ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ବର୍ଣ୍ଣନା କର ।

*(c)* Discuss the major recommendations of NPE 1986 and POA 1992 on ECCE.

ECCE ଉପରେ NPE 1986 ଏବଂ POA 1992ର ସୁପାରିଶ୍‌ଗୁଡ଼ିକୁ ଆଲୋଚନା କର ।

*(d)* Explain the principles of planning a balanced and contextualized ECCE curriculum.

ସନ୍ତୁଳିତ ଏବଂ ପ୍ରସଙ୍ଗଭିତ୍ତିକ ECCE ପାଠ୍ୟକ୍ରମ ଯୋଜନା କରିବା ନୀତିଗୁଡ଼ିକ ବ୍ୟାଖ୍ୟା କର ।

*(e)* Discuss the major recommendations of NEP 2020 on Foundational and Preparatory stage of Education.

ଶିକ୍ଷାର ଭିତ୍ତିଭୂମି ପର୍ଯ୍ୟାୟ ଏବଂ ପ୍ରସ୍ତୁତି ପର୍ଯ୍ୟାୟ ବିଷୟରେ NEP 2020ର ପମୁଖ ସୁପାରିଶ୍‌ଗୁଡ଼ିକ ଆଲୋଚନା କର ।

★★★

# April, 2 0 2 6

## (Trends, Policies and Practices in Education)

*Full Marks* : 100 *Time* : 3 hours

*The figures in the right-hand margin indicate marks*

Answer **all** questions

Part—I

**1.** Answer the following questions in *1* word or in *1* sentence each : 10×1

*(a)* Which programme provides holistic care and education to children before formal schooling?
ଔପଚାରିକ ବିଦ୍ୟାଳୟ ଶିକ୍ଷା ପୂର୍ବରୁ କେଉଁ କାର୍ଯ୍ୟକ୍ରମ ଶିଶୁମାନଙ୍କୁ ପୂର୍ଣ୍ଣାଙ୍ଗ ଯତ୍ନ ଓ ଶିକ୍ଷା ପ୍ରଦାନ କରିଥାଏ ?

*(b)* Which Article of Indian Constitution deals with right to elementary education?
ଭାରତୀୟ ସଂବିଧାନର କେଉଁ ଅନୁଚ୍ଛେଦ ପ୍ରାଥମିକ ଶିକ୍ଷାର ଅଧିକାର ସହ ସମ୍ବନ୍ଧିତ?

*(c)* As per NEP 2020, from which class will the concept of vocational education be introduced?
NEP 2020 ଅନୁଯାୟୀ କେଉଁ ଶ୍ରେଣୀରୁ ବୃତ୍ତିଗତ ଶିକ୍ଷାର ଧାରଣା ଦିଆଯିବ?

*(d)* Which national programme has been launched to universalise secondary education?
ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ କେଉଁ ଜାତୀୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଅଛି?

*(e)* Who works as the Chairperson of school management and development committee?
ବିଦ୍ୟାଳୟ ପରିଚାଳନା ଓ ବିକାଶ ପରିଷଦର ସଭାପତି ଭାବେ କିଏ କାର୍ଯ୍ୟ କରିଥାଆନ୍ତି?

*(f)* Which non-formal mode of education allows learners to study from home through printed self-learning materials?
କେଉଁ ଅଣ-ଔପଚାରିକ ଶିକ୍ଷା ପଦ୍ଧତି ଶିକ୍ଷାର୍ଥୀମାନଙ୍କୁ ଘରେ ରହି ମୁଦ୍ରିତ ସ୍ୱ-ଶିକ୍ଷଣ ସାମଗ୍ରୀ ଦ୍ୱାରା ଅଧ୍ୟୟନ କରିବାକୁ ସୁଯୋଗ ଦେଇଥାଏ?

(g) What is the duration of undergraduate degree course with Honours as per NEP 2020?
NEP 2020 ଅନୁଯାୟୀ ସମ୍ମାନ ସହ ସ୍ନାତକ ଡିଗ୍ରି କୋର୍ସର ଅବଧି କେତେ?

(h) What is the full form of SWAYAM?
SWAYAMର ପୂର୍ଣ୍ଣ ରୂପ କ'ଣ?

(i) Which type of examination allows students to refer to study materials while answering the questions?
କେଉଁ ପ୍ରକାରର ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଉତ୍ତର ଲେଖିବା ସମୟରେ ଅଧ୍ୟୟନ ସାମଗ୍ରୀର ସହାୟତା ନେଇପାରନ୍ତି?

(j) In which year PARAKH has been established?
PARAKHର ଗଠନ କେବେ କରାଯାଇଅଛି?

## Part—II

**2.** Answer *any nine* of the following questions in about *50* words each : 9×2

(a) What is the meaning of foundational literacy and numeracy?
ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଅର୍ଥ କ'ଣ?

(b) State two objectives of RTE Act, 2009.
ଶିକ୍ଷା ଅଧିକାର ଅଧିନିୟମ, 2009ର ଦୁଇଟି ଉଦ୍ଦେଶ୍ୟ ଲେଖ।

(c) What is the importance of School Management Committee?
ବିଦ୍ୟାଳୟ ପରିଚାଳନା କମିଟିର ଗୁରୁତ୍ୱ କ'ଣ?

(d) Write the organisational structure of secondary education as per NEP 2020.
ଜାତୀୟ ଶିକ୍ଷା ନୀତି, 2020 ଅନୁଯାୟୀ ମାଧ୍ୟମିକ ଶିକ୍ଷାର ସାଂଗଠନିକ ସ୍ତର ବିଷୟରେ ଲେଖ।

(e) Name two agencies to provide secondary education through open and distance mode.
ମୁକ୍ତ ଓ ଦୂରଶିକ୍ଷା ମାଧ୍ୟମରେ ମାଧ୍ୟମିକ ଶିକ୍ଷା ପ୍ରଦାନ କରୁଥିବା ଦୁଇଟି ସଂସ୍ଥାର ନାମ ଲେଖ।

(f) State two problems of vocationalisation at secondary level.
ମାଧ୍ୟମିକ ସ୍ତରରେ ବୃତ୍ତିଗତକରଣର ଦୁଇଟି ସମସ୍ୟା ଲେଖ।

(g) Write the concept of Lokvidya.
ଲୋକବିଦ୍ୟାର ଧାରଣା ଦିଅ।

*(h)* State two importance of MOOC.
MOOCର ଦୁଇଟି ଗୁରୁତ୍ୱ ଲେଖ ।

*(i)* Write two benefits of semester system.
ସେମିଷ୍ଟର ବ୍ୟବସ୍ଥାର ଦୁଇଟି ଉପକାରିତା ଲେଖ ।

*(j)* What is the importance of peer assessment?
ସାଥି ମୂଲ୍ୟାୟନର ଗୁରୁତ୍ୱ କ'ଣ?

## Part—III

**3.** Answer *any eight* questions from the following in about *250* words each : 8×5

*(a)* Write the meaning and nature of Early Childhood Care and Education.
ଆଦ୍ୟ ବାଲ୍ୟାବସ୍ଥା ପ୍ରଯତ୍ନ ଓ ଶିକ୍ଷାର ଅର୍ଥ ଓ ସ୍ୱରୂପ ଲେଖ ।

*(b)* What do you mean by Samagra Siksha Abhiyan?
ସମଗ୍ର ଶିକ୍ଷା ଅଭିଯାନ କହିଲେ କ'ଣ ବୁଝ?

*(c)* Write the functions of school management and development committee.
ବିଦ୍ୟାଳୟ ପରିଚାଳନା ଓ ବିକାଶ ପରିଷଦର କାର୍ଯ୍ୟଗୁଡ଼ିକ ଲେଖ ।

*(d)* Write a short note on NIOS.
ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

*(e)* Discuss the objectives of RUSA for quality education at higher education level.
ଉଚ୍ଚଶିକ୍ଷା ସ୍ତରରେ ଗୁଣାତ୍ମକ ଶିକ୍ଷା ନିମନ୍ତେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର ଉଦ୍ଦେଶ୍ୟଗୁଡ଼ିକ ଆଲୋଚନା କର ।

*(f)* State the meaning and importance of Sodhganga.
ଶୋଧଗଙ୍ଗାର ଅର୍ଥ ଓ ଗୁରୁତ୍ୱ ଲେଖ ।

*(g)* Write the role of DIET in pre-service teacher education.
ପ୍ରାକ୍-ନିଯୁକ୍ତି ଶିକ୍ଷକ ଶିକ୍ଷାରେ ଜିଲ୍ଲା ଶିକ୍ଷା ଓ ତାଲିମ୍ ପ୍ରତିଷ୍ଠାନର ଭୂମିକା ଲେଖ ।

*(h)* List any three types of examination reforms to reduce the defects of examination system.
ପରୀକ୍ଷା ବ୍ୟବସ୍ଥାର ତ୍ରୁଟିଗୁଡ଼ିକ ଦୂର କରିବାରେ ତିନୋଟି ପରୀକ୍ଷା ସଂସ୍କାର ବ୍ୟବସ୍ଥା ସମ୍ବନ୍ଧରେ ଲେଖ ।

*(i)* Write the merits and demerits of online examination.
ଅନ୍‌ଲାଇନ୍ ପରୀକ୍ଷାର ଉପକାରିତା ଓ ତ୍ରୁଟିଗୁଡ଼ିକ ଲେଖ ।

*(j)* Write a short note on Performance Assessment Review and Analysis of Knowledge (PARAKH) for holistic development.
ସାମଗ୍ରିକ ବିକାଶ ନିମନ୍ତେ ଜ୍ଞାନର କାର୍ଯ୍ୟଦକ୍ଷତା, ମୂଲ୍ୟାଙ୍କନ, ସମୀକ୍ଷା ଏବଂ ବିଶ୍ଳେଷଣ (ପରଖ) ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

## Part—IV

**4.** Answer *any four* questions in about *800* words each : 4×8

*(a)* What is Universalisation of Elementary Education (UEE)? Discuss the role of Sarva Shiksha Abhiyan to achieve UEE.
ସାର୍ବଜନୀନ ପ୍ରାଥମିକ ଶିକ୍ଷା କ'ଣ? ଏହାକୁ ହାସିଲ କରିବା ନିମନ୍ତେ ସର୍ବ ଶିକ୍ଷା ଅଭିଯାନର ଭୂମିକା ଲେଖ ।

*(b)* Explain the objectives and features of Rashtriya Madhyamik Siksha Abhiyan.
ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ଉଦ୍ଦେଶ୍ୟ ଓ ବୈଶିଷ୍ଟ୍ୟଗୁଡ଼ିକ ବର୍ଣ୍ଣନା କର ।

*(c)* Discuss the role of National Assessment and Accreditation Council for quality education at higher education.
ଉଚ୍ଚ ଶିକ୍ଷାରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଜାତୀୟ ମାନନିର୍ଦ୍ଧାରଣ ଓ ସମ୍ମାନୀକରଣ ପରିଷଦର ଭୂମିକା ଲେଖ ।

*(d)* What is pre-service teacher education? Discuss its problems and reforms suggested by NCFTE 2009.
ପ୍ରାକ୍-ନିଯୁକ୍ତି ଶିକ୍ଷକ ଶିକ୍ଷା କ'ଣ? ଏହାର ସମସ୍ୟା ଓ ସମାଧାନ ଦିଗରେ ଶିକ୍ଷକ ଶିକ୍ଷାପାଇଁ ଜାତୀୟ ପାଠ୍ୟକ୍ରମ ଆଧାର 2009ର ସୁପାରିଶ୍‌ଗୁଡ଼ିକ ଲେଖ ।

*(e)* Discuss the concept, objectives and importance of peace education.
ଶାନ୍ତି ଶିକ୍ଷାର ଧାରଣା, ଉଦ୍ଦେଶ୍ୟ ଓ ଗୁରୁତ୍ୱ ଆଲୋଚନା କର ।

★★★

**+3 SEM-IV(NEP)**
**EDN-C-1P-10 (MAJ)**

**April, 2026**
**ICT IN EDUCATION**

Time- 3 hrs FM- 100

*Answer as per instructions.*
*figures in the right-hand margin indicates marks*

**PART - I**

1. Fill in the blanks (All questions are compulsory) **(10x1 = 10)**
   a) The use of technology to enhance learning process is called ____________ in education.
   ଶିକ୍ଷାରେ ଶିକ୍ଷଣ ପ୍ରକ୍ରିୟାକୁ ଉନ୍ନତ କରିବା ପାଇଁ ପ୍ରଯୁକ୍ତିର ବ୍ୟବହାରକୁ ____________ କୁହାଯାଏ।
   b) Physical part of computer is called _________.କମ୍ପ୍ୟୁଟରର ଭୌତିକ ଅଂଶକୁ _________ କୁହାଯାଏ।
   c) Printer is an _________ device. ପ୍ରିଣ୍ଟର ଏକ ________ ଉପକରଣ ଅଟେ।
   d) MOOC stands for ___________. MOOC ର ପୂର୍ଣ୍ଣ ରୂପ ହେଉଛି _______________।
   e) __________ file format is commonly used for documents.
   ଦସ୍ତାବିଜ (Document) ପାଇଁ ସାଧାରଣତଃ ବ୍ୟବହୃତ ଫାଇଲ ଫର୍ମାଟ __________ ଅଟେ।
   f) Portfolio is an ______________ tool. ପୋର୍ଟଫୋଲିଓ ଏକ ___________ ସାଧନ ଅଟେ।
   g) Expanded form of FOSS is _________. FOSS ର ବିସ୍ତୃତ ରୂପ ହେଉଛି ____________।
   h) J match program is related with ______ assessment tool.
   J Match କାର୍ଯ୍ୟକର୍ମ _______ ମୂଲ୍ୟାଙ୍କନ ସାଧନ ସହ ସମ୍ବନ୍ଧିତ ଅଟେ।
   i) Information technology Act 2000 is a __________ law in India.
   ସୂଚନା ପ୍ରଯୁକ୍ତି ଅଧିନିୟମ, 2000 ଭାରତର ଏକ __________ ଆଇନ ଅଟେ।
   j) The National policy on ICT in school education was launched in year ____________.
   ବିଦ୍ୟାଳୟ ଶିକ୍ଷାରେ ICT ପାଇଁ ଜାତୀୟ ନୀତି __________ ବର୍ଷରେ ଆରମ୍ଭ କରାଯାଇଥିଲା।

**PART - II**

2. Very short type (All questions are compulsory) **(9x2= 18)**
   a) What is information technology? ସୂଚନା ପ୍ରଯୁକ୍ତି ବିଦ୍ୟା କ'ଣ?
   b) What do you mean by digital literacy? ଡିଜିଟାଲ ସାକ୍ଷରତା କହିଲେ କ'ଣ ବୁଝ?
   c) Write two objectives of information and communication technology (ICT).
   ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ର ଦୁଇଟି ଉଦ୍ଦେଶ୍ୟ ଲେଖ।
   d) What do you mean by web conference? ୱେବ୍ କନଫରେନ୍ସ କହିଲେ କ'ଣ ବୁଝ?
   e) State two uses of rubrics assessment tool. ରୁବ୍ରିକ୍ସ ମୂଲ୍ୟାଙ୍କନ ସାଧନର ଦୁଇଟି ବ୍ୟବହାର ବିଷୟରେ ଉଲ୍ଲେଖ କର।
   f) Discuss the usefulness of learning Management System (LMS) in Education.
   ଶିକ୍ଷାରେ ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ ର ଉପଯୋଗିତା ବିଷୟରେ ଆଲୋଚନା କର।
   g) Define two applications of power point presentation (PPT) in Education.
   ଶିକ୍ଷାରେ ପାୱାରପଏଣ୍ଟ ପ୍ରେଜେଣ୍ଟେସନ୍ ର ଦୁଇଟି ପ୍ରୟୋଗ ଉଲ୍ଲେଖ କର।
   h) What is cyber security in Education? ଶିକ୍ଷାରେ ସାଇବର ସୁରକ୍ଷା କ'ଣ?
   i) Write two ethics in using ICT in Education.
   ଶିକ୍ଷାରେ ICT ବ୍ୟବହାର ସମୟରେ ପାଳନ କରିବାକୁ ଥିବା ଦୁଇଟି ନୀତି ଲେଖ।

**PART – III**

3. Short type (Answer any 8 out of 10 in 250 words) **(8x5 = 40)**
   a) Define Educational technology with its nature. ଶିକ୍ଷା ପ୍ରଯୁକ୍ତି କୁ ଏହାର ପ୍ରକୃତି ସହିତ ସଂଜ୍ଞା ନିରୂପଣ କର ।

b) Write conceptual understanding about communication technology and discuss the uses of communication technology in the field of Education. ଯୋଗାଯୋଗ ପ୍ରଯୁକ୍ତି ସମ୍ବନ୍ଧରେ ଧାରଣାଗତ ବୁଝାମଣା ଲେଖ ଏବଂ ଶିକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ବିଷୟରେ ଲେଖ।

c) Explain how OER is helpful in developing learning spirit among students. ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷଣ ସ୍ପୃହା ବିକାଶରେ OER କିପରି ସହାୟକ ହୁଏ, ବର୍ଣ୍ଣନା କର।

d) What are the benefits of integrating technology with pedagogy? ଶିକ୍ଷାଦାନ ପଦ୍ଧତି ସହ ପ୍ରଯୁକ୍ତିର ସମନ୍ୱୟ କରିବାର ଲାଭଗୁଡ଼ିକ କ'ଣ?

e) What is the difference between hardware and software approach in Education? ଶିକ୍ଷାରେ ହାର୍ଡୱେର ଓ ସଫ୍ଟୱେର ପଦ୍ଧତି ମଧ୍ୟରେ ପାର୍ଥକ୍ୟ କ'ଣ?

f) Describe the main relevance of ICT in Education. ଶିକ୍ଷାରେ ICT ର ପ୍ରମୁଖ ପ୍ରାସଙ୍ଗିକତା ବର୍ଣ୍ଣନା କର।

g) Write the meaning of digital storytelling and What are the educational uses of digital story telling? ଡିଜିଟାଲ ଷ୍ଟୋରିଟେଲିଂ ର ଅର୍ଥ କ'ଣ ଓ ଏହାର ଶିକ୍ଷାଗତ ବ୍ୟବହାରଗୁଡ଼ିକ କ'ଣ?

h) Define how ICT is useful for documentation and classroom management in education. ଦସ୍ତାବିଜ ଏବଂ ଶ୍ରେଣୀଗୃହ ପରିଚାଳନା ପାଇଁ ICT କିପରି ଉପଯୋଗୀ ହୁଏ,ବର୍ଣ୍ଣନା କର।

i) Mention different components of curricula for ICT. ICT ପାଠ୍ୟକ୍ରମ ର ବିଭିନ୍ନ ଉପାଦାନଗୁଡ଼ିକ ଉଲ୍ଲେଖ କର।

j) Discuss key features of National Policy on ICT 2013. ICT ସମ୍ବନ୍ଧୀୟ ଜାତୀୟ ନୀତି 2013 ର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଆଲୋଚନା କର।

## PART – IV

4. Long type (Answer **any 4 out of 5** in 800 words) **(4x8 = 32)**

a) ICT is most trusted and relevant source of information, Discuss. ICT ସୂଚନାର ସବୁଠାରୁ ବିଶ୍ୱସନୀୟ ଏବଂ ପ୍ରାସଙ୍ଗିକ ଉତ୍ସ ଅଟେ, ଆଲୋଚନା କର।

b) What do you mean by innovation in educational technology? How do students benefit from innovations in educational technology? ଶିକ୍ଷା ପ୍ରଯୁକ୍ତିରେ ନବୀନିକରଣ କହିଲେ କ'ଣ ବୁଝ? ଶିକ୍ଷା ପ୍ରଯୁକ୍ତିର ନବୀନତା ଦ୍ୱାରା ଛାତ୍ରଛାତ୍ରୀମାନେ କିପରି ଉପକୃତ ହୁଅନ୍ତି?

c) Critically discuss about content, pedagogy and technological integration in education. ଶିକ୍ଷାରେ ବିଷୟବସ୍ତୁ , ଶିକ୍ଷାଦାନ ପଦ୍ଧତି ଏବଂ ପ୍ରଯୁକ୍ତି ର ସମନ୍ୱୟ ବିଷୟରେ ସମାଲୋଚନାତ୍ମକ ଆଲୋଚନା କର।

d) Explain how ICT is helpful for continuous professional development. ନିରନ୍ତର ବୃତ୍ତିଗତ ବିକାଶ ପାଇଁ ICT କିପରି ସହାୟକ ହୁଏ, ବ୍ୟାଖ୍ୟା କର।

e) Describe the ethical, social and legal issues of ICT in education. ଶିକ୍ଷାରେ ICT ର ନୈତିକ , ସାମାଜିକ ଏବଂ ଆଇନ ସମସ୍ୟାଗୁଡ଼ିକୁ ବର୍ଣ୍ଣନା କର।

***************************

**+3 SEM-IV(NEP)**
**EDN-C-3P-2 (MIN)**

**April, 2026**

**Psychological foundation in Education**

Time- 3 hrs FM- 100

*Answer as per instructions.*
*figures in the right-hand margin indicates marks*

**PART-1- Fill in the blanks (answer all).** **10x1=10 marks**

1. _______is the scientific study of behaviors, experiences and mental processess.
   _______ ହେଉଛି ଆଚରଣ, ଅନୁଭୂତି ଏବଂ ମାନସିକ ପ୍ରକ୍ରିୟା ମାନଙ୍କର ବୈଜ୍ଞାନିକ ଅଧ୍ୟୟନ।
2. Self-observation is popularly known as _______.ସ୍ୱ-ପର୍ଯ୍ୟବେକ୍ଷଣକୁ ସାଧାରଣତଃ _______ ବୋଲି କୁହାଯାଏ।
3. In the _______ method, variables are controlled carefully.
   _______ ପଦ୍ଧତିରେ ଚଳଗୁଡ଼ିକୁ ଯତ୍ନପୂର୍ବକ ନିୟନ୍ତ୍ରଣ କରାଯାଏ।
4. Growth mainly refers to changes in the _______ aspect of a person.
   ବୃଦ୍ଧି ମୁଖ୍ୟତଃ ଜଣେ ବ୍ୟକ୍ତିଙ୍କର _______ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନକୁ ସୂଚିତ କରେ।
5. Every child is unique because of _______ differences. ପ୍ରତ୍ୟେକ ଶିଶୁ _______ ପାର୍ଥକ୍ୟ ହେତୁ ସ୍ୱତନ୍ତ୍ର ଅଟେ।
6. Intelligence refers to the ability to think, learn and _______ problems.
   ବୁଦ୍ଧି ଚିନ୍ତା କରିବା, ଶିଖିବା ଏବଂ ସମସ୍ୟା ଗୁଡ଼ିକୁ _______ କରିବାର କ୍ଷମତାକୁ ସୂଚାଏ।
7. Guilford developed _______ model. ଗିଲଫୋର୍ଡ _______ ମଡେଲ୍‌ର ବିକାଶ କରିଥିଲେ।
8. Brainstorming is a strategy for fostering _______. ବ୍ରେନ୍‌ଷ୍ଟର୍ମିଂ _______ ର ବିକାଶ ପାଇଁ ଏକ କୌଶଳ ଅଟେ।
9. Learning is a relatively _______ change in behavior.
   ଶିକ୍ଷଣ ହେଉଛି ଆଚରଣରେ ଏକ ତୁଳନାତ୍ମକ ଭାବରେ _______ ପରିବର୍ତ୍ତନ।
10. Motivation can be broadly classified into intrinsic and _______ types.
    ପ୍ରେରଣାକୁ ସାଧାରଣତଃ ଆଭ୍ୟନ୍ତରୀଣ ଏବଂ _______ ପ୍ରକାରରେ ବିଭକ୍ତ କରାଯାଏ।

**PART II - Answer all of the following questions in about 50 words.** **9x2=18 marks**

1. Define Educational Psychology. ଶିକ୍ଷା ମନୋବିଜ୍ଞାନର ସଂଜ୍ଞା ନିରୂପଣ କର।
2. What is the Observation Method? Mention two advantages of this method.
   ପର୍ଯ୍ୟବେକ୍ଷଣ ପଦ୍ଧତି କ'ଣ? ଏହି ପଦ୍ଧତିର ଦୁଇଟି ସୁବିଧା ଉଲ୍ଲେଖ କର।
3. State the principle of continuity in development. ବିକାଶର ନିରନ୍ତରତା ସିଦ୍ଧାନ୍ତକୁ ଉଲ୍ଲେଖ କର।
4. How does emotional development affect academic achievement?
   ଆବେଗିକ ବିକାଶ ଶିକ୍ଷାଗତ ସଫଳତାକୁ କିପରି ପ୍ରଭାବିତ କରେ?
5. What is individual differences? State any two factors affecting individual differences.
   ବ୍ୟକ୍ତିଗତ ପାର୍ଥକ୍ୟ କ'ଣ? ଏହାକୁ ପ୍ରଭାବିତ କରୁଥିବା ଦୁଇଟି କାରକ ଉଲ୍ଲେଖ କର।
6. What is a verbal intelligence test? Give one example.
   ମୌଖିକ ବୁଦ୍ଧି ପରୀକ୍ଷା କ'ଣ? ଏହାର ଗୋଟିଏ ଉଦାହରଣ ଦିଅ।
7. Mention any three characteristics of a creative person. ସୃଜନଶୀଳ ବ୍ୟକ୍ତିଙ୍କର ତିନୋଟି ବୈଶିଷ୍ଟ୍ୟ ଉଲ୍ଲେଖ କର।
8. What is reinforcement in Operant Conditioning? ସଂକ୍ରିୟାତ୍ମକ ଅନୁବନ୍ଧନରେ ପୁନର୍ବଳନ କ'ଣ?
9. Why are adjustment mechanisms important ?ସମଯୋଜନ ପ୍ରକ୍ରିୟା କାହିଁକି ଗୁରୁତ୍ୱପୂର୍ଣ୍ଣ ?

**PART III - Answer any eight of the following questions within 250 words each.** **8x5=40marks**

1. Discuss the nature educational psychology. ଶିକ୍ଷା ମନୋବିଜ୍ଞାନର ପ୍ରକୃତି ନିର୍ଣ୍ଣୟ କର।
2. What is case study? Discuss the steps to be followed in a case study method?
   ଘଟଣା ଅଧ୍ୟୟନ ପଦ୍ଧତି କ'ଣ? ଏହି ପଦ୍ଧତିରେ ଅନୁସରଣ କରାଯାଉଥିବା ପଦକ୍ଷେପଗୁଡ଼ିକ ଆଲୋଚନା କର।

3. Distinguish between Growth and Development. ବୃଦ୍ଧି ଏବଂ ବିକାଶ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

4. Differentiate between individual and group test of intelligence with suitable examples.
ଉପଯୁକ୍ତ ଉଦାହରଣ ସହ ବ୍ୟକ୍ତିଗତ ଏବଂ ଦଳଗତ ବୁଦ୍ଧି ପରୀକ୍ଷା ମଧ୍ୟରେ ପାର୍ଥକ୍ୟ ପ୍ରଦାନ କର।

5. What is creativity? Discuss about the stages of creativity.
ସୃଜନଶୀଳତା କ'ଣ? ଏହାର ବିଭିନ୍ନ ସୋପାନ ବିଷୟରେ ଆଲୋଚନା କର।

6. What is the Constructivist Approach to Learning? Discuss its major principles.
ଶିକ୍ଷଣର ଜ୍ଞାନ ସଂଗଠନ ପନ୍ଥା କଣ? ଏହାର ପ୍ରମୁଖ ନୀତିଗୁଡ଼ିକ ବର୍ଣ୍ଣନା କର

7. Define motivation and discuss its types with suitable examples.
ପ୍ରେରଣାର ପରିଭାଷା ପ୍ରଦାନ କର ଏବଂ ଉପଯୁକ୍ତ ଉଦାହରଣ ସହ ଏହାର ପ୍ରକାରଗୁଡ଼ିକ ଆଲୋଚନା କର।

8. Define personality. How can personality be assessed?
ବ୍ୟକ୍ତିତ୍ୱର ସଂଜ୍ଞା ପ୍ରଦାନ କର। ବ୍ୟକ୍ତିତ୍ୱକୁ କିପରି ମୂଲ୍ୟାୟନ କରାଯାଇପାରେ ଆଲୋଚନା କର।

9. Discuss the Type Theory of Personality and examine its educational implications.
ବ୍ୟକ୍ତିତ୍ୱର ବିଭାଗୀ କରଣ ତତ୍ତ୍ୱ ଏବଂ ଏହାର ଶିକ୍ଷାଗତ ପ୍ରଭାବଗୁଡ଼ିକୁ ଆଲୋଚନା କର।

10. What is mental health. Discuss the factors affecting mental health.
ମାନସିକ ସ୍ୱାସ୍ଥ୍ୟ କହିଲେ କଣ ? ଏହାକୁ ପ୍ରଭାବିତ କରୁଥିବା କାରକଗୁଡ଼ିକ ଆଲୋଚନା କର।

**PART-IV - Answer Any four questions within 800 words** **4x8=marks**

1. Discuss about the Relevance of Educational Psychology for teacher.
ଶିକ୍ଷକଙ୍କ ପାଇଁ ଶିକ୍ଷା ମନୋବିଜ୍ଞାନର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କର।

2. Discuss the principles of growth and development and explain how knowledge of these principles helps teachers in planning effective teaching-learning experiences.
ବୃଦ୍ଧି ଓ ବିକାଶର ନୀତିଗୁଡ଼ିକ ଆଲୋଚନା କର ଏବଂ ଏହି ନୀତିଗୁଡ଼ିକର ଜ୍ଞାନ କିପରି ଶିକ୍ଷକମାନଙ୍କୁ ପ୍ରଭାବଶାଳୀ ଶିକ୍ଷଣ ଏବଂ ଶିକ୍ଷା ଗ୍ରହଣର ଅନୁଭୂତି ଯୋଜନା କରିବାରେ ସାହାଯ୍ୟ କରେ, ବ୍ୟାଖ୍ୟା କର।

3. Critically examine Gardner's multiple theory of Intelligence and discuss its educational implications in classroom teaching and learning.
ଗାର୍ଡନରଙ୍କ ବହୁ- ଉପାଦାନ ବୁଦ୍ଧି ତତ୍ତ୍ୱକୁ ସମାଲୋଚନାତ୍ମକ ଭାବେ ପରୀକ୍ଷା କର ଏବଂ ଶ୍ରେଣୀଗୃହ ଶିକ୍ଷଣ ଓ ଶିକ୍ଷାଗ୍ରହଣରେ ଏହାର ଶିକ୍ଷାଗତ ପ୍ରଭାବଗୁଡ଼ିକ ଆଲୋଚନା କର।

4. Define the term learning.Discuss the factors influencing learning.
ଶିକ୍ଷଣର **ସଂଜ୍ଞା** ନିରୂପଣ କର ଏବଂ ଶିକ୍ଷଣକୁ ପ୍ରଭାବିତ କରୁଥିବା କାରକଗୁଡ଼ିକ ଆଲୋଚନା କର।

5. Define Adjustment Mechanism. Discuss the different types of adjustment mechanisms.
ସମଯୋଜନ ପ୍ରକ୍ରିୟା କ'ଣ? ଏହାର ବିଭିନ୍ନ ପ୍ରକାରକୁ ଉପଯୁକ୍ତ ଉଦାହରଣ ସହ ବ୍ୟାଖ୍ୟା କର।

**************************